# ଭାରତୀୟ ଜନତା ପାର୍ଟି, ଓଡିଶା

# ଦୌଡରାଣୀ ଓଡିଆ ଝିଅ ଦୂତି ଚାନ୍ଦଙ୍କୁ ଅଭିନନ୍ଦନ ଜଣାଇଲା ରାଜ୍ୟ ବିଜେପି

**ଭୁବନେଶ୍ୱର, ତା ୨୯/୦୮ :** ଅଷ୍ଟାଦଶ ଏସୀୟ କ୍ରୀଡାର ୨୦୦ ମିଟର ଦୌଡ ଫାଇନାଲ ପ୍ରତିଯୋଗିତାରେ ଓଡିଆ ଝିଅ ଦୂତି ଚାନ୍ଦ ରୌପ୍ୟ ପଦକ ହାସଲ କରିଥିବାରୁ ରାଜ୍ୟ ବିଜେପି ସଭାପତି ଶ୍ରୀ ବସନ୍ତ ପଣ୍ଡା ଏବଂ ବିଧାୟକ ଦଳ ନେତା ଶ୍ରୀ କେ.ଭି ସିଂହଦେଓ ଦୌଡରାଣୀ ଓଡିଆ ଝିଅ ଦୂତିଙ୍କୁ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଇଛନ୍ତି ।

ଆଜି ଅନୁଷ୍ଠିତ ୨୦୦ ମିଟର ବର୍ଗ ଫାଇନାଲ ଦୌଡ ପ୍ରତିଯୋଗିତାରେ ଦୂତି ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ହାସଲ କରିଛନ୍ତି । ପୂର୍ବରୁ ମଧ୍ୟ ସେ ୧୦୦ ମିଟର ଦୌଡ ପ୍ରତିଯୋଗିତାରେ ରୌପ୍ୟ ପଦକ ହାସଲ କରି ଓଡିଶା ପାଇଁ ସୁନାମ ଆଣିଥିଲେ ।

**(ବିଜେପି ମିଡିଆ ସେଲ୍)**